# ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କର ଅନୁଗୋଳ ଜିଲ୍ଲା ଗସ୍ତ -
# ଜିଲ୍ଲାରେ ପ୍ରତିଷ୍ଠା ହେବ ସ୍ୱୟଂ ସହାୟକ ଗୋଷ୍ଠୀ ହାଟ ।

ଅନୁଗୋଳ,ତା.୧୪.୧୨:- ରାଜ୍ୟ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଆଜି ଅନୁଗୋଳ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମକୁ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଥିଲେ । ସର୍କିଟ ହାଉସ୍ ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଯୋଗ ଦେଇ ଛୋଟ ପିଲାମାନଂକର ଭବିଷ୍ୟତ କୁ ଦୃଷ୍ଟିରେ ରଖିସରକାରଂକର ଉଦ୍ଦେଶ୍ୟ ମୁତାବକ ସମ୍ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ପିଲାମାନଂକର ସୁରକ୍ଷାକୁ ଦୃଷ୍ଟିରେ ରଖି ଯେଉଁଠି ନିଜସ୍ୱ ଗୃହ ନାହିଁ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢାଇବାକୁ ପରାମର୍ଶ ଦେଇଥିଲେ । ଅସମ୍ପୂର୍ଣ୍ଣ ଥିବା ସମସ୍ତ ଅଂଗନୱାଡି କେନ୍ଦ୍ର ଗୁଡିକର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ । ଅଂଗନୱାଡି କେନ୍ଦ୍ରରେ ପଢୁଥିବା ପିଲାମାନଂକୁ ନିଜର ପିଲା ଭାବି ସନ୍ତୁଳିତ ଆହାର ଦେଇ ସେମାନଂକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ନିମନ୍ତେ ସମ୍ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ବିଭାଗୀୟ କର୍ମକର୍ତ୍ତାଂକୁ ସେ ପରାମର୍ଶ ଦେଇଛନ୍ତି । ସ୍ଥାନୀୟ ପଦାଧିକାରୀ ମାନେ ନିୟମିତ ଅଂଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲାମାନଂକ ଖାଦ୍ୟ,ପୋଷାକ ପତ୍ର ଓ ପାଠପଢାକୁ ଅନୁଧ୍ୟାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଅସମ୍ପୂର୍ଣ୍ଣ ଅଂଗନୱାଡି କେନ୍ଦ୍ର ର ନିର୍ମାଣ କାର୍ଯ୍ୟ ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରିବାକୁ ମନ୍ତ୍ରୀ ଜିଲ୍ଲାପାଳଂକୁ ପରାମର୍ଶ ଦେଇଛନ୍ତି । ସରକାର ମିଶନ ଶକ୍ତି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଂକୁ ସଶକ୍ତିକରଣ ନିମନ୍ତେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ସେମାନଂକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବଟା ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରତି ଜିଲ୍ଲାରେ ଖୋଲିବ ସ୍ୱୟଂ ସହାୟକ ଗୋଷ୍ଠୀ ହାଟ । ସମୀକ୍ଷା ବୈଠକରେ ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଯୋଗ ଦେଇ ଅସମ୍ପୂର୍ଣ୍ଣ ଅଂଗନୱାଡି କେନ୍ଦ୍ର ର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ମନ୍ତ୍ରୀଂକ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭାଗୀୟ କର୍ମଚାରୀମାନେ ନିୟମିତ ଅଂଗନୱାଡି କେନ୍ଦ୍ର ଗୁଡିକୁ ପରିଦର୍ଶନ କରି ବିଭିନ୍ନ କର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ସମାଜ ମଂଗଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ଶିଶୁ,ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାଂକ ନିକଟରେ କିପରି ପହଂଚିବ ସେଥିପାଇଁ ବିଭାଗୀୟ କର୍ମଚାରୀମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଗୃହ ନଥିବା ଅଂଗନୱାଡି କେନ୍ଦ୍ର ଗୁଡିକ ନିମନ୍ତେ ବିଦ୍ୟାଳୟ କିମ୍ବା ଘରୋଇ ଅନୁଷ୍ଠାନରେ ଏହାକୁ ଚଳାଇବାକୁ ପରାମର୍ଶ ଦେଇଥିଲେ । ଅପପୃଷ୍ଟିର ଶିକାର ହେଉଥିବା ପିଲାମାନଂକ ପାଇଁ ଅନେକ ଅଭିନବ କାର୍ଯ୍ୟକ୍ରମ ଚାଲୁଛି ବୋଲି ଜିଲ୍ଲାପାଳ ମନ୍ତ୍ରୀଂକୁ ଅବଗତ କରିଥିଲେ । ଡାକ୍ତରଖାନାରେ ପ୍ରସବ ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିବା ସହ ପିଲାମାନଂକୁ ସୁଷମ ଖାଦ୍ୟ ଓ ଟୀକାକରଣ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଯୋଗ ଦେଇଥିବା ଅନୁଗୋଳ ବିଧାୟକ ତଥା ବିଧାନସଭା ଉପ-ବାଚସ୍ପତିଂକ ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ, ଢେଂକାନାଳ ସାଂସଦଂକ ପ୍ରତିନିଧି ଶ୍ରୀ ସୁନିଲ କୁମାର ପ୍ରଧାନ ଓ ଛେଣ୍ଡିପଦା ବିଧାୟକଂକ ପ୍ରତିନିଧି ଶ୍ରୀ ଦିନେଶ ପ୍ରଧାନ ପ୍ରମୁଖ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ଅଂଗନୱାଡି କେନ୍ଦ୍ରର ସଠିକ୍ ପରିଚାଳନା ଉପରେ ମନ୍ତ୍ରୀଂକର ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ସମାଜ ମଂଗଳ ବିଭାଗର ପ୍ରୋଗ୍ରାମ ଅଫିସର ଝିଲି ଖଟୁଆ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ ବର୍ତ୍ତମାନ ୦-୬ ବର୍ଷର ୧ ଲକ୍ଷ ୪୫ ହଜାର ୬୯୦ ଜଣ ଶିଶୁ ୧୬୫୪ ଟି ଅଂଗନୱାଡି କେନ୍ଦ୍ର ଓ ୩୨ଟି ମିନି ଅଂଗନୱାଡି କେନ୍ଦ୍ରରେ ପାଠ

ପଢୁଛନ୍ତି । ସମୁଦାୟ ୧୬୫୪ଟି ମଧ୍ୟରୁ ୯୯୪ଟି ନିଜସ୍ୱ ଗୃହ, ୩୫୪ଟି ସ୍କୁଲ ଗୃହ, ୧୧୦ଟି ଭଡା ଗୃହ, ୧୪୫ଟି ଗୋଷ୍ଠୀ କେନ୍ଦ୍ର ଗୃହ ଓ ୫୧ଟି ଅନ୍ୟତ୍ର ଚାଲୁଅଛି । ଜିଲ୍ଲାରୁ ଅପପୃଷ୍ଟି ଦୂର କରିବା ନିମନ୍ତେ ସ୍ୱାସ୍ଥ୍ୟ,ପଞ୍ଚାୟତରାଜ,ଗ୍ରାମ୍ୟ ଜଳ ଓ ପରିମଳ,ପ୍ରାଣୀ ସମ୍ପଦ,ଉଦ୍ୟାନ,କୃଷି ଓ ସଂସ୍କୃତି ବିଭାଗରମିଳିତ ସହଯୋଗରେ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଚାଲୁଛି । ପାଲଲହଡା ଓ ଅ।ଠମଲ୍ଲିକର ଉପାନ୍ତ ଅଂଚଳରେ ଅଧିକ ଅପପୃଷ୍ଟି ପିଲା ଥିବାରୁ ସେମାନଂକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଚାଲୁଛି । ଜିଲ୍ଲାରେ ୧୫ଟି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଛତୁଆ,ଅଣ୍ଡା ଓ ସୂଜି ଲଡୁ ବିଭିନ୍ନ କେନ୍ଦ୍ରକୁ ଯୋଗାଇ ଦିଆଯାଉଛି । ଟୀକାକରଣ କାର୍ଯ୍ୟକ୍ରମ ଶତକଡା ୯୯ ପ୍ରତିଶତ ଥିବାବେଳେ ପ୍ରାକ୍-ବିଦ୍ୟାଳୟଉପସ୍ଥାନ ଶତକଡା ୯୬ ପ୍ରତିଶତ ଅଛି । ଏହାକୁ ଶତ ପ୍ରତିଶତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମମତା ଯୋଜନାରେ ୨୦୧୭ ମସିହା ଜାନୁୟାରୀ ମାସରୁ ବର୍ତ୍ତମାନ ସୁଦ୍ଧା ୪୦୧୨୬ ଜଣ ହିତାଧିକାରୀ ସାମିଲ ହୋଇ ୪୦୧୨୦ ଜଣ ପ୍ରଥମ କିସ୍ତି ପାଇଥିବା ବେଳେ ୨୪୪୬୮ ଜଣଂକ ମଧ୍ୟରୁ ୨୪୪୬୫ ଜଣଂକୁ ୨ୟ କିସ୍ତି ପ୍ରଦାନ କରାଯାଇଛି । ମିଶନଶକ୍ତି କାର୍ଯ୍ୟକ୍ରମରେ ୨୧୩୨୩ଟି ଗୋଷ୍ଠୀରେ ୨୪୪୮୧୩ ସଦସ୍ୟା ସାମିଲ ହୋଇ ୮ ହଜାର ୩୧୨ଟି ଦଳକୁ ୧୫ ହଜାର ଲେଖାଏଁ ସମୁଦାୟ ୧୨କୋଟି ୪୬ ଲକ୍ଷ ୮୦ ହଜାରସିଡ୍ ମନି ପ୍ରଦାନ କରାଯାଇଛି । ଏଲ୍ ପି ଓ ଶ୍ରୀ ପ୍ରଦୀପ ନାୟକ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା, ଶିଶୁ ଯତ୍ନ ଅନୁଷ୍ଠାନ,ବିଜୁ ଶିଶୁ ସୁରକ୍ଷା ଯୋଜନା,ସୁକନ୍ୟା ଯୋଜନା ଓ ବିଜୁ କନ୍ୟାରତ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲା ସମାଜ ମଂଗଳ ଅଧିକାରିଣୀ ଶ୍ରୀମତୀ ଆଲମା ବରୁଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଂକର ବେହେରା, ଶିଶୁ ଯତ୍ନ ସୁରକ୍ଷା ଅଧିକାରିଣୀ ଝରଣା ନାୟକ ଓ ମନ୍ତ୍ରୀଂକର ବ୍ୟକ୍ତିଗତ ସଚିବ ଶ୍ରୀ ପ୍ରମୋଦ ମିଶ୍ରଂକ ସମେତ ସମସ୍ତ ସି ଡି ପି ଓ, ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିବା ସହ ସମାଜ ମଂଗଳ ବିଭାଗର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ପୂର୍ବାହ୍ନରେ ମନ୍ତ୍ରୀ ମହିଧରପୁରର ୨ଟି ଓ ଖଲାରୀର ୩ଟି ଅଂଗନୱାଡି କେନ୍ଦ୍ର ପରିଦର୍ଶନ କରି ଅପପୃଷ୍ଟିକୁ କମାଇବା ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ । ମମତା ଯୋଜନାରେ ଠିକ୍ ସମୟରେ ଅର୍ଥ ରାଶି ପାଉଛନ୍ତି କି ନାହିଁ ହିତାଧିକାରୀମାନଂକୁ ପଚାରି ବୁଝିଥିଲେ । ପିଲାମାନଂକୁ ଦିଆଯାଉଥିବା ଖାଦ୍ୟ ସମ୍ପର୍କରେ ସେମାନଂକ ସହ ବାର୍ତ୍ତାଳାପ କରିବା ସହ ଯୋଗାଣ ହେଉଥିବା ଛତୁଆର ମାନ ଜାଣିବା ପାଇଁ ନିଜେ ସେ ଏହାକୁ ଖାଇଥିଲେ । ପରେ ମନ୍ତ୍ରୀ ଆଦୃତା ଶିଶୁ ଗୃହକୁ ପରିଦର୍ଶନରେ ଯାଇ ଏହାର ପରିଚାଳନା ସମ୍ପର୍କରେ ଅବଗତ ହେବା ସହ ପିଲାମାନଂକ ସହିତ ସେମାନଂକର ସୁବିଧା ଅସୁବିଧା ସମ୍ପର୍କରେ ବାର୍ତ୍ତାଳାପ କରିଥିଲେ ।




14-12-19 09:54